# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22 March – 2025**

# ଜଳସମ୍ପଦ-ଶିଳାନ୍ୟାସ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ବିଭିନ୍ନ ଜଳସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଆଜି ଅପରାହ୍ଣରେ ଭୁବନେଶ୍ୱର ଲୋକସେବା ଭବନ ସମ୍ମେଳନ କେନ୍ଦ୍ରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ । ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ୧୦୦ଟି ଆଡ଼ିବନ୍ଧର ଲୋକାର୍ପଣ ସହ ୧୮ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ଏବଂ ୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍‌ଲାଇନ୍ ଦ୍ୱାରା ଜଳସେଚନ ବ୍ୟବସ୍ଥାର ଲୋକାର୍ପଣ ହେବ ।

# ବ୍ୟାଙ୍କ ଧର୍ମଘଟ ସ୍ଥଗିତ

ବ୍ୟାଙ୍କ ସଂଘ ମିଳିତ ଫୋରମ ପକ୍ଷରୁ ଦିଆଯାଇଥିବା ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ପ୍ରତ୍ୟାହୃତ ହୋଇଛି । ଗତକାଲି ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ ଏବଂ କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ମଧ୍ୟରେ ଆଲୋଚନା ପରେ ଚଳିତମାସ ୨୪ ଓ ୨୫ରେ ପ୍ରସ୍ତାବିତ ଦୁଇଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟକୁ ସ୍ଥଗିତ ରଖାଯାଇଛି । ଆଲୋଚନା ସମୟରେ ସପ୍ତାହକୁ ୫ଦିନ ବ୍ୟାଙ୍କ ସେବା ଯୋଗାଇଦେବା ଓ ନିଯୁକ୍ତି ଏବଂ କାର୍ଯ୍ୟଦକ୍ଷତା ସହ ଜଡିତ ପ୍ରୋତ୍ସାହନ ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା ।

# ବିମାନସେବା

ଭୁବନେଶ୍ୱରରୁ ଗାଜିଆବାଦ, ପୋର୍ଟବ୍ଲେୟାର ଓ ଗୋଆ ପାଇଁ ଖୁବ୍‌ଶୀଘ୍ର ସିଧାସଳଖ ବିମାନସେବା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ ବିକଶିତ ଓଡ଼ିଶାର ମୁଳଦୁଆ ପଡିସାରିଛି ବୋଲି କହିଛନ୍ତି । ଏହି ବିମାନସେବା ରାଜ୍ୟର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ବିମାନସେବା ଓ ଯୋଗାଯୋଗ ବ୍ୟବସ୍ଥାରେ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ପୋଷ୍ଟ କରିଛନ୍ତି ।

ସୂଚନାଯୋଗ୍ୟ ଆସନ୍ତା ଏପ୍ରିଲ ୧ ତାରିଖରେ ଭୁବନେଶ୍ୱରରୁ ଗୋଆକୁ ସିଧାସଳଖ ବିମାନସେବା ଆରମ୍ଭ ହେବାକୁ ଥିବାବେଳେ ଚଳିତମାସ ୩୦ ତାରିଖରେ ଗାଜିଆବାଦ ଏବଂପୋର୍ଟବ୍ଲେୟାରକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ ।

# ପ୍ରଭାତି ପରିଡ଼ା

ଉତ୍ତର ପ୍ରଦେଶର ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀ ବେବିରାଣୀ ମୌର୍ଯ୍ୟ ଓଡ଼ିଶା ପରିଦର୍ଶନରେ ଆସି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ମହିଳା କୈନ୍ଦ୍ରୀକ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଶ୍ରୀ ମୌର୍ଯ୍ୟଙ୍କୁ ସୁଭଦ୍ରା ଯୋଜନାର କାର୍ଯ୍ୟକାରୀତା ଓ ସଫଳତା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ଶ୍ରୀମତୀ ମୌର୍ଯ୍ୟ ଓଡ଼ିଶାରେ ଅଙ୍ଗନବାଡି କେନ୍ଦ୍ରର ପରିଚାଳନା ସମ୍ପର୍କରେ ମଧ୍ୟ ଅବଗତ ହୋଇଛନ୍ତି । ଆଲୋଚନା କାଳରେ ସେ ଉତ୍ତରପ୍ରଦେଶ ମହିଳା ଓ ଶିଶୁକଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଯୋଜନାଗୁଡ଼ିକ ବିଷୟରେ ସୂଚନା ଦେଇଥିଲେ ।

## ଜନଶୁଣାଣି

ମାର୍ଚ୍ଚ ୨୪ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତ୍ତର ଥିବାରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗ ଶୁଣାଣି ହେବ ନାହିଁ । ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ସୁରକ୍ଷା ବ୍ୟବସ୍ଥା

ଚଳିତମାସ ୩୧ ତାରିଖରେ ଇଦୁଲ ଫିତର, ଅପ୍ରେଲ ୬ ତାରିଖରେ ରାମନବମୀ ଓ ୧୪ ତାରିଖରେ ହନୁମାନ ଜୟନ୍ତୀ ଏବଂ ମହା ବିଷୁବ ସଂକ୍ରାନ୍ତି ପଡୁଥିବାରୁ ନିରାପତ୍ତା ତଥା ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବ । ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପୃକ୍ତ ପର୍ବପର୍ବାଣୀ ପାଳନ ସମୟରେ ସତର୍କ

ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ବିଶେଷକରି ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ତଥ୍ୟ ଉପରେ ସାଇବର ସେଲ୍ ଦ୍ୱାରା ୨୪ଘଣ୍ଟିଆ ନଜର ରଖାଯିବ ବୋଲି ନିଷ୍ପତ୍ତି ହୋଇଛି ।

## ପରଲୋକ

କେନ୍ଦ୍ରାପଡା ଜିଲ୍ଲା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କର ଶତଷଠୀ ବର୍ଷ ବୟସରେ ପରଲୋକ ଘଟିଛି । ସେ ବୃକ୍କଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ କଂଗ୍ରେସ ଦଳର ଆଳି ବିଧାୟକ ଭାବେ କାର୍ଯ୍ୟ କରିଥିବା ଶ୍ରୀ ଶର୍ମା କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ସଭାପତି ଭାବେ ଦୀର୍ଘଦିନ କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦୁଃଖପ୍ରକାଶ କରିବା ସହ ଜନକଲ୍ୟାଣକାରୀ କାର୍ଯ୍ୟ ଓ ସେବା ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି କହିଛନ୍ତି ।

## ନିଯୁକ୍ତିମେଳା

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଭଦ୍ରକ ମଠସାହି ପଡ଼ିଆଠାରେ ଆସନ୍ତାକାଲି ନିଯୁକ୍ତିମେଳା ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ଯୁବକ-ଯୁବତୀମାନେ ଏଥିରେ ଅଂଶଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ହସ୍ତଶିଳ୍ପ ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଆନୁକୂଲ୍ୟରେ ହସ୍ତଶିଳ୍ପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପ ନିର୍ଦ୍ଦେଶକ ବନମାଳୀ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ । ଏଥିରେ ୨୦ରୁ ଅଧିକ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବାବେଳେ ୫ଜଣ ହସ୍ତଶିଳ୍ପ କାରିଗରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ।

# ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଗଞ୍ଜାମ ଜିଲ୍ଲା ପୋଲସରାସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶିବିରକୁ ଉଦ୍‌ଘାଟନ କରି ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି ।

# ବନଦିବସ

ନୂଆପଡା ଜିଲ୍ଲାରେ ବିଶ୍ୱ ବନଦିବସ ପାଳନ ଅବସରରେ ପ୍ରକୃତି ଓ ଜଙ୍ଗଲ ପ୍ରତି ଜାଗରଣ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏଥିରେ ଯୋଗଦେଇଥିବା ଅତିଥିମାନେ ପ୍ରାଣୀଜଗତ ତଥା ପରିବେଶକୁ

ସୁରକ୍ଷା ଦେବାଲାଗି ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ କରିବାକୁ ପରାମର୍ଶ ଦେଇଛନ୍ତି ।

## କାଳବୈଶାଖୀ

କାଳବୈଶାଖୀ ଯୋଗୁଁ ବାଲେଶ୍ୱର ଓ ମୟୂରଭଞ୍ଜରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ଗତ ସଂଧ୍ୟାରେ ବାଲେଶ୍ୱରର ଭୋଗରାଇ, ଜଳେଶ୍ୱର ଓ ବାଲିଆପାଳ ଅଞ୍ଚଳରେ କାଳବୈଶାଖୀରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ପଡିଯିବା ସହ ବାସଗୃହ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି ।

## ପାଣିପାଗ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଏହାର ପ୍ରଭାବରେ କିଛି ସ୍ଥାନରେ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଆଗାମୀ ୩ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ ଓ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ୧୫ଟି ଜିଲ୍ଲାରେ କାଳବୈଶାଖୀ ନେଇ ସତର୍କତା ଜାରି କରାଯାଇଛି ।